# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th January – 2026

**************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଧ୍ୱଜାବତରଣ ସହ ଆଜି ଉଦ୍‌ଯାପିତ ହେଲା ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହ ।

- କୃଷିକ୍ଷେତ୍ରରେ ଓଡ଼ିଶାର ପ୍ରଗତି ଓ ପାଣ୍ଠିର ସୁବିନିଯୋଗକୁ ପ୍ରଶଂଶା କଲେ କେନ୍ଦ୍ର କୃଷିମନ୍ତ୍ରୀ ।

- ଓଡ଼ିଶା ପର୍ବରେ ଯୋଗ ଦେବାପାଇଁ ପ୍ରବାସୀ ଓଡ଼ିଆ ଓ ପର୍ଯ୍ୟଟକଙ୍କୁ ନିମନ୍ତ୍ରଣ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ବନ୍ଦ୍ ନେଇ ପଦକ୍ଷେପ ଗ୍ରହଣ କରାଯିବ; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ନୀଳ ଓ ସବୁଜ ଅର୍ଥନୀତି ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଭୁବନେଶ୍ୱରରେ ଆରମ୍ଭ ।

*Desk*

# ବିଟିଂ ରିଟ୍ରିଟ୍ - ପି.ଏମ୍., ରାଜନାଥ

୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଜୟଚୌକ୍‌ଠାରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସଶସ୍ତ୍ର ବାହିନୀର ବ୍ୟାଣ୍ଡଗୁଡ଼ିକ ବହୁ ଦେଶାତ୍ମବୋଧକ ଗୀତରେ ଧୂନ୍ ବଜାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ସମାରୋହରେ ଭାରତୀୟ ବାୟୁସେନା ବ୍ୟାଣ୍ଡ ଦ୍ୱାରା ଅପରେସନ୍ ସିନ୍ଦୂର ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନ କରାଯାଇଥିଲା। 'କଦମ୍ କଦମ୍ ବଢ଼ାୟ ଯା'ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ "ସାରେ ଯାହାଁସେ ଆଛା"ରେ ଶେଷ ହୋଇଛି ।

*BBSR/R*

# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟୀ କୃଷି ଯୋଜନା

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ

ଓ କୃଷୋନ୍ନତି ଯୋଜନାର ସମୀକ୍ଷା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ରାଜ୍ୟରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଯୋଜନା ଅନ୍ତର୍ଗତ ଉଭୟ ପାଣ୍ଠିର ପ୍ରାୟ ଅଶୀ ପ୍ରତିଶତ ଅର୍ଥରାଶି ରାଜ୍ୟରେ ବିନିଯୋଗ ହୋଇସାରିଛି, ଯାହା କୃଷି ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରୁଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି । ଓଡ଼ିଶାର କୃଷିକ୍ଷେତ୍ରରେ ପ୍ରଗତି ଓ ପାଣ୍ଠିର ସୁବିନିଯୋଗ ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିବା ସହ ବିକାଶଧାରାକୁ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ସୂଚନା ଥାଉକି, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଥିବାବେଳେ କୃଷୋନ୍ନତି ଯୋଜନା ଖାଦ୍ୟ ସୁରକ୍ଷା ଓ ଆତ୍ମନିର୍ଭରତା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । କାର୍ଯ୍ୟକ୍ରମରେ ଦେଶର ସମସ୍ତ ରାଜ୍ୟର କୃଷିମନ୍ତ୍ରୀମାନେ ଯୋଗ ଦେଇଥିଲେ ।

***Desk***

## ଓଡ଼ିଶା ପର୍ବ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଆସାମର ଗୁଆହାଟୀଠାରେ ଓଡ଼ିଶା ପର୍ବ ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା' ପ୍ରବାସୀ ଓଡ଼ିଆ, ଆସାମର ଜନସାଧାରଣ ଏବଂ ରାଜ୍ୟକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କୁ ଓଡ଼ିଶା

ପର୍ବରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରିଛନ୍ତି । ସମସ୍ତଙ୍କପାଇଁ ପ୍ରବେଶ ନିଃଶୁଳ୍କ ରହିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ହସ୍ତଶିଳ୍ପର ପ୍ରଦର୍ଶନୀ, ଓଡ଼ିଆଖାଦ୍ୟ, ଐତିହ୍ୟ ଏବଂ ଆଧ୍ୟାତ୍ମିକତାଠାରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀର ପ୍ରଦର୍ଶନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Desk***

# ପ୍ରଧାନ ବିଚାରପତି

ନ୍ୟାୟପାଳିକାରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନ ମାମଲା ହ୍ରାସ କରିବା ଲକ୍ଷ୍ୟ ନେଇ ପାଇଁ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ  ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଆଜି ଘୋଷଣା କରିଛନ୍ତି। ବିଭିନ୍ନ ହାଇକୋର୍ଟ ସହିତ ଏକ ଡିଜିଟାଲ ସହଭାଗିତାର ସେ ଶୁଭାରମ୍ଭ କରିଛନ୍ତି। ଏହି ପ୍ରଣାଳୀ ଅନୁସାରେ ଟ୍ରାଏଲ କୋର୍ଟ ଆଦେଶ ଏବଂ ହାଇକୋର୍ଟ ନିର୍ଦ୍ଦେଶଗୁଡ଼ିକୁ ଡିଜିଟାଲ ଭାବରେ ଅପଡେଟ୍ ଏବଂ କୋର୍ଟଗୁଡ଼ିକରେ ପ୍ରତିଫଳିତ କରାଯିବ। ଯାହାଦ୍ୱାରା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଉଭୟସ୍ତରରେ ମାମଲା ବିଚାରାଧୀନତାର ଏକ ବ୍ୟାପକ ଭଣ୍ଡାର ସୃଷ୍ଟି ହେବ। ପ୍ରଧାନ ବିଚାରପତି ପ୍ରଶାସନିକ ଉଦ୍ଦେଶ୍ୟରେ ଏକ ସମନ୍ୱିତ ଅନଲାଇନ୍ ପେମେଣ୍ଟ ସିଷ୍ଟମ ଆରମ୍ଭ କରିବା ମଧ୍ୟ ଘୋଷଣା କରିଛନ୍ତି। କୋର୍ଟ କମ୍ପ୍ଲେକ୍ସର ଏକ ପ୍ରମୁଖ ସୁରକ୍ଷା ସଂଶୋଧନ ଉଦ୍ଦେଶ୍ୟରେ ପାର୍କ ଅଥୋରାଇଜେସନ୍ ରେକର୍ଡ କିପର– ପାର୍କ’ ଆରମ୍ଭ କରିଛନ୍ତି।

***Desk***

# ସ୍ୱାସ୍ଥ୍ୟମନ୍ତ୍ରୀ - ଗଜପତି

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଓ ପାନୀୟଜଳ ଆଦି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାପାଇଁ ମନ୍ତ୍ରୀ ସମସ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ କେରାଣ୍ଡିସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦଶର୍ନ କରି ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ । ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟଦେବା ପ୍ରଦାନ ସୁନିଶ୍ଚିତ କରିବା ଏବଂ ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାପାଇଁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସମସ୍ତ ଅଧିକାରୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦେଇଥିଲେ ।

***Desk***

# ନିଶାଦ୍ରବ୍ୟ ବିକ୍ରି

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ବନ୍ଦ୍ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଆଜି ପ୍ରାଥମିକ ସ୍ତରରେ

ଗୁଟ୍‌ଖା ଓ ତମାଖୁ ବିକ୍ରୟ ବନ୍ଦ ନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏନେଇ ଜିଲ୍ଲାସ୍ତରୀୟ ଏକ ଏନ୍‌ଫୋର୍ସମେଣ୍ଟ ଦଳ ଗଠନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

***BBSR/R***

## କର୍ମଶାଳା

ରାଜ୍ୟର ବିକାଶର ଧାରାକୁ ଏକ ସ୍ଥାୟୀ, ସୁଦୃଢ଼ ଓ ନିରନ୍ତରତା ଭିତ୍ତିରେ ଆଗକୁ ନେବା ଉଦ୍ଦେଶ୍ୟରେ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ରହିଥିବା ସୁଯୋଗର ଉପଯୋଗିତା ବୃଦ୍ଧି ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଆଜିଠାରୁ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି । ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ, ସମନ୍ୱିତ ବିକା ଲକ୍ଷ୍ୟ ସେଲ୍ ଆନୁକୂଲ୍ୟରେ ଏହି କର୍ମଶାଳାକୁ ରାଜ୍ୟ ଉନ୍ନୟନ କମିଶନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଉଦ୍‌ଘାଟନ କରି କହିଛନ୍ତି, ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାରଙ୍କୁ ଏକ୍ଷେତ୍ରର ସମ୍ଭାବନାର ଦିଗ ପ୍ରତି ଅବଗତ ହେବା ନିତାନ୍ତ ଜରୁରୀ । ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଜନସାଧାରଣଙ୍କୁ ଲାଭାନ୍ୱିତ କରିବାପାଇଁ ଏ କ୍ଷେତ୍ରରେ ଅନେକ ସୁଯୋଗ ରହିଛି । ଓଡ଼ିଶାର ଜଙ୍ଗଲ, ପ୍ରାକୃତିକ ସମ୍ପଦ, ନଦୀ, ସୁଦୀର୍ଘ ସାମୁଦ୍ରିକ ଉପକୂଳ, ନବୀକରଣଯୋଗ୍ୟ ଶକ୍ତି, ଜୈବପ୍ରଯୁକ୍ତି, ପରିବେଶ ଓ ହେନ୍ତାଳବନର ସୁରକ୍ଷା ଆଧାରରେ ନୀଳ ଓ ସବୁଜ ଅର୍ଥନୀତିର ଉପଯୋଗିତା ପାଇଁ ରହିଥିବା ବ୍ୟାପକ

ସୁଯୋଗ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମ ଓ ଆହ୍ୱାନ ସମ୍ପର୍କିତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା ।

***Desk***

## ପରଲୋକ

ଆକାଶବାଣୀ କଟକର ପ୍ରସିଦ୍ଧ ସୀତାର ବାଦକ ଓ ସଙ୍ଗୀତ ନିର୍ଦ୍ଦେଶକ ରବିଶଙ୍କର ପ୍ରଧାନଙ୍କର ୬୦ ବର୍ଷ ବୟସରେ ଆଜି ପରଲୋକ ଘଟିଛି । ୧୯୬୫ ମସିହାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପ୍ରଧାନ ବାଲ୍ୟାବସ୍ଥାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରି ଖ୍ୟାତିସମ୍ପନ୍ନ ସୀତାର ବାଦକ ଭାବେ ଦେଶ ଓ ବିଦେଶରେ ପରିଚିତ ଥିଲେ । ୧୯୯୫ ମସିହାରେ ଆକାଶବାଣୀରେ ସୀତାର ବାଦକ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୨୫ ମସିହା ମଇ ମାସରେ ଅବସର ନେଇଥିଲେ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଗୌରବ ବୃଦ୍ଧି କରିବାରେ ସ୍ୱର୍ଗତ ପ୍ରଧାନଙ୍କର ଅବଦାନକୁ ନେଇ ୨୦୧୭ ମସିହାରେ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଦିଆଯାଇଥିଲା ।

*Nayagarh/R*

## ନୂତନ ଧାନମଣ୍ଡି

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ଚମ୍ପାଗଡ଼, କୃଷ୍ଣଚନ୍ଦ୍ରପୁର ଏବଂ ଝାଡ଼ପଡ଼ାରେ ନୂତନ ଧାନମଣ୍ଡି ଖୋଲାଯାଇଛି । ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସେହି ମଣ୍ଡିଗୁଡ଼ିକ ଉଦ୍‌ଘାଟନ କରିଛନ୍ତି । ସମ୍ପୃକ୍ତ ଧାନମଣ୍ଡିଗୁଡ଼ିକରେ ୬ ଶହରୁ ଊର୍ଦ୍ଧ୍ୱ ଚାଷୀ ୧୦ ହଜାର କୁଇଣ୍ଟାଲ୍‌ରୁ ଅଧିକ ଧାନ ବିକ୍ରୟ କରିବେ ବୋଲି ଜଣାପଡ଼ିଛି ।

*Nuapada/R*

## ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳିନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜିଲ୍ଲାରେ କୌଣସି ମାତୃମୃତ୍ୟୁ ଘଟି ନ ଥିବା ସୂଚନା ମିଳିଥିବାବେଳେ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ସ୍ୱାସ୍ଥ୍ୟମିଶନ ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

*Subarnapur/R*

# ଖଲିଆପାଲି - ମାଘମେଳା

ମହିମା ଧର୍ମର ଅନନ୍ୟ ପୀଠ ସୁବର୍ଣ୍ଣପୁର ଜିଲ୍ଲାର ଖଲିଆପାଲିଠାରେ ଆଜି ସନ୍ଧ୍ୟାରେ ମାଘମେଳା ଆରମ୍ଭ ହୋଇଛି । ମାଘମେଳାରେ ମହିମାଧର୍ମୀ ସାଧୁସନ୍ନ୍ୟାସୀମାନେ ଯୋଗ ଦେଇଥିବାବେଳେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ସମାଗମ ହୋଇଛି । ସନ୍ଥକବି ଭୀମ ଭୋଇଙ୍କ ସମାଧିପୀଠ ଉତ୍ସବମୁଖର ହୋଇଥିବାବେଳେ ଶୂନ୍ୟବ୍ରହ୍ମ ଉପାସନାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା ସହ ଧୂନୀ ସ୍ଥାପନା କରାଯାଇଛି । ଆସନ୍ତା ମାଘ ପୂର୍ଣ୍ଣମୀ ଯାଏଁ ହେବାକୁ ଥିବା ମାଘମେଳାରେ ଜିଲ୍ଲା ପ୍ରଶାସନ ଏବଂ ସମାଧିପୀଠ ଟ୍ରଷ୍ଟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

*Ganjam/R*

# ମୃଗ ଗଣନା

ଗଞ୍ଜାମ ଜିଲ୍ଲା ଆସିକା ବନାଞ୍ଚଳ ପରିସରରେ ଘୁମୁସର ଦକ୍ଷିଣ ବନବିଭାଗ ପକ୍ଷରୁ ମୃଗ ଗଣନା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନସଂରକ୍ଷକ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳରେ ଆସିକା ବିଧାୟକ ସରୋଜ କୁମାର ପାଢ଼ି ଯୋଗ ଦେଇଥିଲେ।

*Boudh/R*

# ନୂତନ ପାଠ୍ୟପୁସ୍ତକ - ତାଲିମ

ଆସନ୍ତା ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ହେବାକୁ ଯାଉଥିବାରୁ ବୌଦ୍ଧ ଜିଲ୍ଲା ଲୁଣିବାହାଲ୍ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ନୂତନ ପାଠ୍ୟପୁସ୍ତକ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଶିବିରରେ ଶିକ୍ଷାଦାନ କୌଶଳ ସମ୍ପର୍କରେ ୪ ଜଣ ବିଷୟ ବିଶେଷଜ୍ଞ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି ।

*Bolangir/R*

# ପି.ଏମ୍.ଶ୍ରୀ ଉତ୍ସବ

ବଲାଙ୍ଗୀର ଜିଲ୍ଲା ପିଏମ୍ଶ୍ରୀ ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆଠାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦୁଇଦିନିଆ ପିଏମ୍ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ ଇଶଲଓ୍ୱାର ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

*Rayagada/R*

## ଆକାଂକ୍ଷୀ ଜିଲ୍ଲା - ସମ୍ପୂର୍ଣ୍ଣତା ଅଭିଯାନ

ଆକାଂକ୍ଷୀ ଜିଲ୍ଲା ରାୟଗଡ଼ାରେ ନୀତି ଆୟୋଗଙ୍କ ସମ୍ପୂର୍ଣ୍ଣତା ଅଭିଯାନ 'ଟୁ ପଏଣ୍ଟ ଓ' ଅଧୀନରେ ତିନିମାସିଆ ପ୍ରଚାର କାର୍ଯ୍ୟକ୍ରମ କରାଯିବ । ରାୟଗଡ଼ା ଜିଲ୍ଲା ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଆକାଂକ୍ଷୀ ବ୍ଲକ୍ ମୁନିଗୁଡ଼ା ଓ ପଦ୍ମପୁରରେ ଆସନ୍ତା ଏପ୍ରିଲ୍ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ପୂର୍ଣ୍ଣତା ଅଭିଯାନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

*Nayagarh/R*

## ରୋଗୀ କଲ୍ୟାଣ ସମିତି

ନୟାଗଡ଼ ଜିଲ୍ଲା ଭାପୁର ରୋଗୀ କଲ୍ୟାଣ ସମିତି ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟାଗୁଡ଼ିକର ଆସନ୍ତା ୩ ମାସ ମଧ୍ୟରେ ସମାଧାନ କରାଯିବ ବୋଲି କହିଛନ୍ତି । ବୈଠକରେ ବ୍ଲକ୍‌ସ୍ତରୀୟ ଅଧିକାରୀମାନ ଯୋଗଦେଇ ସୀମା ନିର୍ଦ୍ଧାରଣ, ନୂତନ ଆହାର କେନ୍ଦ୍ର ଖୋଲିବା, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

******